ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୪ ଏପ୍ରିଲ, ୨୦୨୧

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ଦିଗପହଣ୍ଡି: (ଡି.ଏନ.ଏ.) ଦିଗପହଣ୍ଡି ଥାନା ପେଣ୍ଡୁରାବାଡି ଗ୍ରାମର ଶଙ୍କର ପାଢ଼ୀ (୨୭)ଙ୍କ ସୋମବାର ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ଶଙ୍କର ତାଙ୍କ ଘରର ବିଦ୍ୟୁତ୍ କାମ କରିବା ପାଇଁ ଗାଁ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଚଢି ଫ୍ୟୁଜ୍ ପକାଉଥିଲେ। କୌଣସି କାରଣବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ଏ ନେଇ ନଂ. ୮/୨୧ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।



## ସଂକ୍ଷେପରେ

### ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ଗଞ୍ଜାମ,୧୩।୪(ଡି.ଏନ.ଏ.):ଗଞ୍ଜାମ ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ସହ ଟଣାଓଟରା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ସ୍ଥିତ ଭଣ୍ଡାରୀ ସାହିର କାଳିଆ ଗୌଡ଼। ପୂର୍ବାହ୍ନରେ ନାବାଳିକା ଛାତ୍ରୀ ଜେଜେ ମା ଓ ସାନ ଭଉଣୀ ସହ ସହରର ମା ବୁଢ଼ୀ ଠାକୁରାଣୀ ମନ୍ଦିରକୁ ଯାଇଥିଲେ। ଜେଜେ ମା ଠାକୁରାଣୀଙ୍କୁ ପୂଜା ପାଇଁ ପ୍ରସ୍ତୁତି କରୁଥିବା ବେଳେ ନାବାଳିକା ଜଣଙ୍କ ସାନ ଭଉଣୀ ସହ ମନ୍ଦିର ପରିସରରେ ଥିବା ପଣସ ପତ୍ର ତୋଳିବାକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବାଇକରେ ପିଛା କରି ସେଠାରେ ନାବାଳିକାଙ୍କୁ ପ୍ରେମ ନିବେଦନ କରିବା ସହ ଟଣାଓଟରା କରିଥିଲେ। ଏ ନେଇ ପୋଲିସ ନଂ. ୭୨/୨୧ରେ ମାମଲା ରୁଜୁ କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ।

### ସାନିଟାଇଜ୍ ହେଲା ୟୁଜିବି ବ୍ୟାଙ୍କ

ବୁଗୁଡ଼ା,୧୩।୪(ଡି.ଏନ.ଏ.):ବୁଗୁଡା ହାଇସ୍କୁଲ ଛକ ନିକଟରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସୋମବାର ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କ ଆଣ୍ଟିଜେନ ପରୀକ୍ଷା ସହ ଆରଟିପିସିଆର ପରୀକ୍ଷା କରାଯାଇଛି। ଆଣ୍ଟିଜେନ ପରୀକ୍ଷାରେ ସମସ୍ତ କର୍ମଚାରୀ ନେଗେଟିଭ ଥିବାବେଳେ ଆରଟିପିସିଆର ରିପୋର୍ଟ ଆସିବା ପରେ ସୁନିଶ୍ଚିତ ହେବ ବୋଲି ଡାକ୍ତର ଶୁଭାଶିଷ ପାଣିଗ୍ରାହୀ କହିଛନ୍ତି। ଉକ୍ତ ବ୍ୟାଙ୍କ ଗତ ଦୁଇ ଦିନ ହେଲା ଛୁଟି ଥିବା ବେଳେ ମଙ୍ଗଳବାର ସ୍ଥାନୀୟ ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଛୁଟି କରାଯାଇ ଏନ୍ଏସି ପ୍ରଶାସନ ଏବଂ ଅଗ୍ନିଶମ ବାହିନୀ ଦ୍ୱାରା ସାନିଟାଇଜ୍ କରାଯାଇଛି।

### ଦଣ୍ଡ ଦଳର କରୋନା ସଚେତନତା

ସୋରଡ଼ା,୧୩।୪(ଡି.ଏନ୍.ଏ.): ସୋରଡ଼ାରେ ମଙ୍ଗଳବାର ଶେଷଦିନ ଦଣ୍ଡଯାତ୍ରା ଥିବା ବେଳେ ଅଭିନବ ଢଙ୍ଗରେ ଲୋକଙ୍କୁ କରୋନା ସଚେତନତା କରାଯାଇଛି। ଯମ, ଚିତ୍ରଗୁପ୍ତ ଓ ଅଙ୍ଗନୱାଡି ପୋଷାକରେ ଯୁବ କଳାକାରମାନେ ସଚେତନ କରିବା ସହ ଭକ୍ତ, ଦଣ୍ଡୁଆମାନଙ୍କୁ ମାସ୍କ ପରିଧାନ ପାଇଁ ବାଧ କରିବା ଏବଂ ଅମାନିଆଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଯମରାଜଙ୍କ ଗଦା ପ୍ରହାର ଭୟରେ ଉଦ୍‌ଯାପନୀ ଯାତ୍ରାରେ ସାମାଜିକ ଦୂରତା ଅବଲମ୍ବନ ହୋଇଯାଇଥିଲା। ବ୍ଲକ ଲେନ, ଗଣି ଛକ, ରଥପଦା, ମାର୍କେଟ ଅଞ୍ଚଳରେ ବଡ଼ ଦଣ୍ଡ ଦଳର ଯାତ୍ରା ସମୟରେ ଯମ, ଚିତ୍ରଗୁପ୍ତ ବେଶଧାରୀ ସଚେତନତା ଅଭିଯାନ କରିଥିଲେ। ରାଜା ଦାସ, ସୌରା ପାଲ ଦୀର୍ଘ ୧୨ ଦିନ ଧରି ଭିନ୍ନ ବେଶ ପୋଷାକରେ ସକାଳୁ ସନ୍ଧ୍ୟାଯାଏ କାରୋନା ସଚେତନତା ପାଇଁ ଦଣ୍ଡ ଦଳରେ ଅଭିଯାନ ଚଳାଇଥିଲେ।

### ମେରୁଯାତ୍ରା ସତର୍କତା ବୈଠକ

ଶେରଗଡ଼,୧୩।୪(ଡି.ଏନ.ଏ.):ଶେରଗଡ଼ ତହସିଲ ପ୍ରଶାସନ ପକ୍ଷରୁ ମେରୁଯାତ୍ରା ପାଳନ ନେଇ ବ୍ଲକର ୧୪ ଗ୍ରାମର ଦଣ୍ଡଦଳକୁ ସତର୍କ କରିବା ପାଇଁ କୁଲାଗଡ ଗ୍ରାମ କାଳୀ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା ଅଧକ୍ଷତା କରିଥିଲେ। ମେରୁ ସଂକ୍ରାନ୍ତି କୁଲାଗଡ଼ରେ ପାଳନ ହେବା କରୋନା ସଂକ୍ରମଣ ଦୃଷ୍ଟିରେ ଜିଲା ପ୍ରଶାସନ ପକ୍ଷରୁ ଚଳିତବର୍ଷ ମେରୁଯାତ୍ରା କଟକଣା ମଧରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦଣ୍ଡଦଳର ଦଣ୍ଡୁଆମାନେ ଏଥିପ୍ରତି ଧାନ ଦେବାକୁ କୁହାଯାଇଥିଲା।

### ଦଣ୍ଡଯାତ୍ରା ଉଦ୍‌ଯାପିତ

ଆସିକା,୧୩।୪(ଡି.ଏନ.ଏ.):ଆସିକା ତଥା ଆଖପାଖ ଅଞ୍ଚଳରେ ଚାଲିଥିବା ୧୩ ଦିନିଆ ଦଣ୍ଡନାଚ ଦଳର ମଙ୍ଗଳବାର ମାସନ୍ତ ମେରୁରେ ଉଦ୍‌ଯାପନ କରାଯାଇଥିଲା। ଦଣ୍ଡକାଳୀ ମନ୍ଦିର ନିକଟରେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ପରେ ମେରୁ ମଣ୍ଡପ ହୋମକୁଣ୍ଡ ଉପରେ ପାଟ ଦଣ୍ଡୁଆଙ୍କୁ ଝୁଲାଇ ଝୁଣାମାଡ ପରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ସେହିପରି କାଳକଣ୍ଠପୁର, ନୂଆଗାଁ ସାଙ୍ଗକୁ ଗାଙ୍ଗପୁର ଥାନା ଅଞ୍ଚଳର ପାଲକଷଣ୍ଡା, ଗୋବରା, ସିଂହମର୍ଦ୍ଦନ, କୁଲାଙ୍ଗି, ବାଲିଭାଗ, ପଣିବନ୍ଧ ଆଦି ସ୍ଥାନରେ ମଧ ମାସନ୍ତ ମେରୁ ଉତ୍ସବ ପାଳିତ ହୋଇଯାଇଛି।

# ‘କରୋନା ମୁକାବିଲାରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ’

ଭଞ୍ଜନଗର,୧୩।୪(ଡି.ଏନ.ଏ.)



ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ପରିସରରେ ଭଞ୍ଜନଗରର ସମସ୍ତ ଗଣମାଧମ ପ୍ରତିନିଧି କରୋନାର ପ୍ରଥମ ଲହରକୁ ମୁକାବିଲା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଯୋଗୁ ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଅବସରପ୍ରାପ୍ତ ଅଧକ୍ଷ ଡ.ନୀଳାଞ୍ଚଳ ମୁନି, ସାମାଜିକକର୍ମୀ ଶୁଳପାଣି ଶତପଥୀ, ପଞ୍ଚାନନ ପାଳ, ପ୍ରମୋଦ ପ୍ରଧାନ, ସାଇ ଗୁରୁକୁଳର ପଠାଣି ସାମନ୍ତ, ମେଧାବୃତ୍ତି ପାଇଥିବା ଦୁଇ ଛାତ୍ର ଶୁଭଙ୍କର ଦାସ, ଶୁଭମ ପାତ୍ର, ଓଁ ସଙ୍ଗୀତ ଏକାଡେମୀର କଳାକାର ଏବଂ ହେଲପିଙ୍ଗ୍ ହ୍ୟାଣ୍ଡର ପ୍ରଶାନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପ ଜିଲାପାଳ ମିଞ୍ଜ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ଓ ଲେଖିକା ଭାବେ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। କୋଭିଡ୍-୧୯ ପ୍ରଥମ ଲହରର ମୁକାବିଲାରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭଞ୍ଜନଗର ଅଞ୍ଚଳର ଗଣମାଧମ ପ୍ରତିନିଧିମାନେ ଜୀବନକୁ ବାଜି ଲଗାଇ କୋଭିଡ୍ ମୁକାବିଲାରେ ପ୍ରଶାସନକୁ ସମସ୍ତ ସହଯୋଗ କରିଥିଲେ। ସୋମବାର ଭଞ୍ଜନଗରର ୬ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଆଗକୁ ଏହି ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ତେଣୁ ଧର୍ମାନୁଷ୍ଠାନ ଓ ପାର୍କ ପ୍ରମୁଖ ଅନୁଷ୍ଠାନକୁ ୭ଦିନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଲେ ଉକ୍ତ ଅନୁଷ୍ଠାନଗୁଡ଼ିକ ପୁନଃ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇପାରେ। କୋଭିଡ୍-୧୯ର ଦ୍ୱିତୀୟ ଲହରକୁ ମୁକାବିଲା କରିବାରେ ଉପଜିଲାପାଳ ମିଞ୍ଜ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧରେ ଅବସରପ୍ରାପ୍ତ ଅଧକ୍ଷ ଡ.ମୁନି, ଏନ୍ଏସି ବସ୍ତି ଅଞ୍ଚଳ ସଂଯୋଜକ ପଞ୍ଚାନନ ପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଗଣମାଧମର ପ୍ରତିନିଧି ଲୋକନାଥ କର, ରବୀନ୍ଦ୍ର ପାତ୍ର,ଦିଲୀପ ଚାୱାଡ଼ା, ବିଶ୍ୱମ୍ଭର ଜେନା, ଶିବ ଶଙ୍କର ଦାସ, ରବୀନ୍ଦ୍ର ପ୍ରଧାନ,ମନୋଜ କର, ଭବାନୀ ପାଳ,ନୀଳାଞ୍ଚଳ ଖାଡ଼େଙ୍ଗା, ଜୟକୃଷ୍ଣ ପଟ୍ଟନାୟକ, ପ୍ରୀତମ ମହାପାତ୍ର, ପ୍ରେମଜିତ୍ ପଟ୍ଟନାୟକ, ନିରଞ୍ଜନ ପ୍ରଧାନ, ପ୍ରଦୀପ ସ୍ୱାଇଁ, ସୁଶାନ୍ତ ସାହୁ, ରତ୍ନାକର ସାହୁ, ରବୀନ୍ଦ୍ର ଗୌଡ଼, ଅଜିତ ଦାସ, ଜଗନ୍ନାଥ ଦାସ, ରାଜେଶ ପଣ୍ଡା, ନଚିକେତା ପ୍ରଧାନ, ମନୋଜ ଗୌଡ଼, ଧନଞ୍ଜୟ ପଟ୍ଟନାୟକ, ନିଲୁ ବିଷୋୟୀ, ଜଗନ୍ନାଥ ପ୍ରଧାନ, ଆଶିଷ ଗୌଡ଼, ବବି ରଥ, ସମୀର ମହାପାତ୍ର, ଜଗନ୍ନାଥ ସାହୁ ଓ ଜିତେନ୍ଦ୍ର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦ ସଭାପତି କୃତ୍ତିବାସ ବିଶ୍ୱାଳ ଉତ୍ସବରେ ଅଧକ୍ଷତା କରିଥିବା ବେଳେ ଶୁଳପାଣି ଶତପଥୀ ଏହାକୁ ସଂଯୋଜନା କରିଥିଲେ । ସମ୍ପାଦକ ବାବୁଲା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ଅଜିତ ଶତପଥୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଜାତୀୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ଲଗ୍ନଜିତ ସମ୍ମାନିତ

ପାରଳାଖେମୁଣ୍ଡି,୧୩।୪(ଡି.ଏନ୍.ଏ.)




ଲଗ୍ନଜିତ ମହାନ୍ତି

ଗଜପତି ଜିଲା ସୀତାପୁର ସେଞ୍ଚୁରିଅନ ପବ୍ଲିକ ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ର ଲଗ୍ନଜିତ ମହାନ୍ତି ଜାତୀୟ ସ୍ତରରେ ବିଜ୍ଞାନ ପ୍ରଦର୍ଶନୀରେ ସମ୍ମାନିତ ହୋଇଛନ୍ତି। ଗତ ଡିସେମ୍ବର ୨୫ ତାରିଖରେ କୁଇଜ୍ ଇଣ୍ଡିଆ ଦ୍ୱାରା ଭାରତର ଯୁବ ବୈଜ୍ଞାନିକ ଗବେଷଣା ମୂଳକ ପରୀକ୍ଷା ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡିର ଦୀପକ କୁମାର ମହାନ୍ତିଙ୍କ ପୁଅ ଲଗ୍ନଜିତ ଲାଇଟ୍ ଦ୍ୱାରା ଇଣ୍ଟରନେଟର ଉତ୍ପତ୍ତି କରି ଅନଲାଇନ ମାଧମରେ ପ୍ରଦର୍ଶିତ କରିଥିଲେ। ଜାତୀୟ ସ୍ତରରେ ସମ୍ମାନିତ ୫୦ ପ୍ରତିଯୋଗୀଙ୍କ ମଧରେ ୨ ଓଡ଼ିଶାରୁ କୃତିତ୍ୱ ହାସଲ କରିଥିଲେ। ସେଥିରୁ ଭୁବନେଶ୍ୱରରୁ ଜଣେ ଓ ପାରଳାଖେମୁଣ୍ଡିରୁ ଲଗ୍ନଜିତ ସମ୍ମାନିତ ହୋଇଛନ୍ତି। ଏହି କୃତୀ ପାଇଁ ସେଞ୍ଚୁରିଅନ ପବ୍ଲିକ ସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ରଥଙ୍କ ପ୍ରେରଣ ଉଲ୍ଲେଖନୀୟ, ବିଦ୍ୟାଳୟର ଅଧକ୍ଷା ସୁନିତା ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଲଗ୍ନଜିତଙ୍କୁ ସୁଭେଚ୍ଛା ଜଣାଇଛନ୍ତି ।

# ଆନ୍ତଃରାଜ୍ୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ



ମୁଖ୍ୟଅତିଥିଙ୍କ ଦ୍ୱାରା ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ।

ଦିଗପହଣ୍ଡି,୧୩।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ମିନିଷ୍ଟାଡିୟମରେ ଚାଲିଥିବା ଆନ୍ତଃରାଜ୍ୟ କବାଡି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମାଁ କନକଦୁର୍ଗା ସ୍ୱେଚ୍ଛାସେବୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ କମିଟି ସଭାପତି ବିକାଶ କୁମାର ପଶୁପାଳକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ କଂଗ୍ରେସ କମିଟି ସଭାପତି ଅଭିମନ୍ୟୁ ଜାନୀ, କାର୍ଯ୍ୟକର୍ତ୍ତା ଶିବ ସାହୁ, ଲଲାଟ ପ୍ରଧାନ, ସିଏଚ୍ ବଡୁ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ବଣ୍ଟନ କରିଥିଲେ। ଗତ ଶୁକ୍ରବାରରେ ଏହି ପ୍ରତିଯୋଗିତାକୁ ସ୍ଥାନୀୟ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୧୬ କବାଡି ଟିମ ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁରସ୍ଥିତ ପାରଳା ମହାରାଜା କଲେଜ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଆନ୍ଧ୍ର ପ୍ରଦେଶର ତେପନପୁଣ୍ଡି ଗ୍ରାମର କବାଡି ଟିମ୍‌କୁ ରନର୍ସଅପ ଭାବେ ପୁରସ୍କୃତ କରାଯାଇଥିଲା। ମାଁ କନକ ଦୁର୍ଗା ଯୁବକ ସଂଘର କାର୍ଯ୍ୟକର୍ତ୍ତା ବାବୁ ପ୍ରଧାନ, ସମୀର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟାଚ୍ ଆୟୋଜିତ ହୋଇଥିଲା।

# ମହାସରସ୍ୱତୀ ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ



ମା’ ତାରାତାରିଣୀଙ୍କ ମହାସରସ୍ୱତୀ ବେଶ



ଜଣେ ମହିଳା ବ୍ୟବସାୟୀ ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି।

ପୁରୁଷୋତ୍ତମପୁର,୧୩।୪(ଡି.ଏନ୍.ଏ.)

- ତାରାତାରିଣୀଙ୍କ ତୃତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା
- ଭିଡ଼ ନ ଜମିବାରୁ ନିରାଶରେ ଫେରିଲେ ବ୍ୟବସାୟୀ

ଗଞ୍ଜାମ ଜିଲା ତାରାତାରିଣୀଙ୍କ ତୃତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା ଶେଷ ହୋଇଛି। ରାତ୍ର ୧.୩୦ରୁ ମନ୍ଦିର ଦ୍ୱାର ଫିଟା ଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ ନୀତି, ମାଜଣା, ଅଭିଷେକ, ଶୃଙ୍ଗାର ଆଦି ପୂଜାର୍ଚ୍ଚନା କରାଯାଇ ତାରାତାରିଣୀ ଦୁଇ ଭଉଣୀଙ୍କୁ ମହାସରସ୍ୱତୀ ବେଶରେ ସଜ୍ଜିତ କରାଯାଇ ସକାଳ ୫ଟାରେ ସାହାଣ ମେଳା ହୋଇଥିଲା। ଗଞ୍ଜାମ ଜିଲା ଦୌରା ଜଜ୍ ଶଶିକାନ୍ତ ମିଶ୍ର ଆସି ତାରାତାରିଣୀଙ୍କୁ ଦର୍ଶନ କରିଥିଲେ। କରୋନା କଟକଣା ଯୋଗୁ ଏହି ପାଳିରେ କେବଳ ସ୍ଥାନୀୟ ଲୋକେ ମା’ଙ୍କୁ ଦର୍ଶନ କରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ବାହାର ଲୋକଙ୍କ ମନ୍ଦିରକୁ ପ୍ରବେଶ ନିଷେଧ ଯୋଗୁ ଭକ୍ତସଂଖ୍ୟା ବହୁତ କମିଯାଇଛି।

ପୂର୍ବ ବର୍ଷଗୁଡ଼ିକରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଜନ ସମାଗମ ହେଉଥିବା ବେଳେ ଚଳିତବର୍ଷର ତୃତୀୟ ପାଳି ଯାତ୍ରାରେ ତାହା ଏଥର ଦେଖିବାକୁ ମିଳିନାହିଁ। ଭକ୍ତଙ୍କ ସଂଖ୍ୟା କମିଯାଇଥିବା ହେତୁ ବ୍ୟବସାୟୀମାନେ ନିରାଶ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁଙ୍କ ନେତୃତ୍ୱରେ ଆଇଆଇସି ଜଗନାଥ ମଲ୍ଲିକଙ୍କ ସହ ପୋଲିସ ରାସ୍ତାର ବିଭିନ୍ନ ସ୍ଥାନରେ ରହି ବାହାର ଲୋକଙ୍କ ମନ୍ଦିରକୁ ପ୍ରବେଶ ସହ ମାସ୍କ ବ୍ୟବହାର ପ୍ରତି ଗୁରୁତ୍ୱ ଦେଇ କଡ଼ାକଡ଼ି ଯାଞ୍ଚ କରିଥିଲେ। ପୋଲିସ ଫୋର୍ସ ମୁତୟନ ରହି ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିବା ବେଳେ ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ତପନ କୁମାର ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ।।

## ବାଲ୍ୟ ବିବାହ ବନ୍ଦ ପାଇଁ ଶପଥ ବୈଠକ

ହିଞ୍ଜିଳିକାଟୁ,୧୩।୪(ଡି.ଏନ୍.ଏ)

ହିଞ୍ଜିଳିକାଟୁ ପୌରାଞ୍ଚଳ ନଂ.୧୭ ୱାର୍ଡ ଲାଲ ବାହାଦୁର ମାର୍ଗ ଅଙ୍ଗନୱାଡି କେନ୍ଦ୍ର ପରିସରରେ ସୋମବାର ବାଲ୍ୟ ବିବାହ ମୁକ୍ତ ପାଇଁ ଏକ ଶପଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିଞ୍ଜିଳିକାଟୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶୁଭଶ୍ରୀ ପାତ୍ର ଅଧକ୍ଷତା କରିଥିବା ବେଳେ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଡ ମନୋରଞ୍ଜନ ସାହୁ, ପୂର୍ବତନ ଉପନଗରପାଳ ସୁବାସ ପଲାଇ, ୱାର୍ଡ ସଭ୍ୟ କିରଣ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ସାହୁ, ପ୍ୟାରୀ ମୋହନ ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସମାଜର ନେତୃ ମଣ୍ଡଳୀ ଏଥିରେ ଯୋଗଦେଇ ସରକାରଙ୍କ ନିର୍ଦ୍ଦେଶିତ ବୟସ ଅନୁସାରେ ଝିଅପୁଅଙ୍କୁ ବିବାହ କରିବେ ବୋଲି ଶପଥ ପାଠ କରିଥିଲେ। ବାଲ୍ୟ ବିବାହକୁ ବନ୍ଦ ପାଇଁ ସଚେତନତା କରାଯାଇଥିଲା। ସୁପରଭାଇଜର ବନଜା ବେହେରା, ସବିତା ପଣ୍ଡା, ଶ୍ରଦ୍ଧାଞ୍ଜଳୀ ପାଢ଼ି, ଇନ୍ଦିରା ସାହୁ, ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଣେ ଅଭିଯୁକ୍ତ ଗିରଫ, ୨ କାତି ଜବତ

ଦିଗପହଣ୍ଡି,୧୩।୪(ଡି.ଏନ.ଏ.)

## ସବ୍‌ରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ଆକ୍ରମଣ ଘଟଣା

ଦିଗପହଣ୍ଡି ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ମଙ୍ଗଳବାର ଜି.ମହୋନ ରାଓଙ୍କୁ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ ଦୁଇଟି କାତି ମଧ ଜବତ କରାଯାଇଛି। ଏନେଇ ନଂ-୮୧/୨୧ରେ ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଜେଲ୍ ପଠାଯାଇଛି। ଏହି ଘଟଣାରେ ଅନ୍ୟ ୨ ଅଭିଯୁକ୍ତ ଫେରାର୍ ଥିବା ବ୍ରହ୍ମପୁର ଆଡିସିନାଲ୍ ଏସ୍‌ପି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୫ ତାରିଖରେ ଅଭିଯୁକ୍ତ ଜି.ମୋହନ ରାଓଙ୍କ ସମ୍ପର୍କୀୟ ବି.ନରାୟଣ ରାଓ, ସ୍ତ୍ରୀ ବି.ଜ୍ୟୋତି ଓ ତାଙ୍କ ଦେଢଶାଶୁ ଏମ୍.ସାରଦା ଦିଗପହଣ୍ଡି ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଜିମି ବିକ୍ରି ସମ୍ବନ୍ଧୀୟ ଦଲିଲ୍ ରେଜିଷ୍ଟ୍ରେସନ୍ ପାଇଁ ଆସିଥିଲେ। ଏହି ଜମି ବିକ୍ରିକୁ ନେଇ ପୂର୍ବରୁ ଲାଗି ରହିଥିବା ବିବାଦକୁ କେନ୍ଦ୍ରକରି ମୋହନ ଓ ତାଙ୍କ ଭାଇ ଜି.ଶଙ୍କର ରାଓ ସବ୍‌ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ ପରିସରରେ ହୋହାଲ୍ଲା କରି ବି.ନାରାୟଣଙ୍କ ଉପରେ କାତିରେ ଆକ୍ରମଣ କରିଥିଲେ। ପ୍ରତିବାଦ କରୁଥିବା ବି.ଜ୍ୟୋତି ଓ ସାରଦାଙ୍କ ଉପରେ ମଧ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ପରେ ଅଭିଯୁକ୍ତ ଦୁଇ ଭାଇ ଫେରାର୍ ହୋଇଯାଇଥିଲେ। ପୋଲିସ୍ ନିଜଆଡୁ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଖୋଜୁଥିଲା। ମଙ୍ଗଳବାର ବଡ ଭାଇ ମୋହନ ଧରାପଡ଼ିଥିବା ବେଳେ ଶଙ୍କର ଫେରାର୍ ଥିବା ଜଣାପଡିଛି ।

# ବସ୍‌ଷ୍ଟାଣ୍ଡ ସ୍ଥାପନ ପାଇଁ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

ଦାରିଙ୍ଗବାଡ଼ି,୧୩।୪(ଡି.ଏନ.ଏ.)

ଦାରିଙ୍ଗବାଡ଼ିଠାରେ ପରିବହନ ପକ୍ଷରୁ ବସ୍‌ଷ୍ଟାଣ୍ଡ ପାଇଁ ମଙ୍ଗଳବାର ଜମି ଅଧିଗ୍ରହଣ କରାଯାଇଛି। ଏଥିପାଇଁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ଜଣେ ବ୍ୟକ୍ତି ଉକ୍ତ ସ୍ଥାନରେ ଘର ନିର୍ମାଣ କରି ପରିବାର ସହ ରହୁଥିଲେ। ଦାରିଙ୍ଗବାଡ଼ି ତହସିଲଦାର କଳାକୃଷ୍ଣ ପ୍ରଧାନ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲ୍ଲିକ, ରାଜସ୍ୱ ନିରୀକ୍ଷକ କେଦାର ସାହୁ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଉମାଶଙ୍କର ଖଣ୍ଡଗିରି, ଆଇଆଇସି କୌଶିକ ମାଝୀ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ପହଞ୍ଚି ଜେସିବି ମାଧମରେ ଭାଙ୍ଗିଥିଲେ। ଘର ମାଲିକ ନିଜ ପକ୍ଷରୁ ପ୍ରଥମେ ଆଜିବେଷ୍ଟସ ଏବଂ ଘରର ଆବଶ୍ୟକ ସାମଗ୍ରୀ ହଟାଇବା ପରେ ତହସିଲଦାର ପ୍ରଧାନଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଥିଲା। ପ୍ରକାଶଯେ, ଦାରିଙ୍ଗବାଡ଼ି ଏକ ପର୍ଯ୍ୟଟନ କେନ୍ଦ୍ର ହୋଇଥିବାରୁ ଏଠାକୁ ଏକାଧିକ ସରକାରୀ ବସ୍ ଜିଲା ଏବଂ ବାହାରୁ ପ୍ରତିଦିନ ଯାତାୟାତ କରୁଛି। ହେଲେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍‌ଗୁଡ଼ିକ ରଖିବା କଷ୍ଟକର ହେଉଥିଲା। ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଥିଲେ ମଧ କରୋନା ଯୋଗୁ ସମ୍ଭବ ହୋଇ ନ ଥିଲା। ଏବେ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡିଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଉଦ୍ୟମରେ ପ୍ରଥମେ ଜମି ଚିହ୍ନଟ ଏବଂ ଅଧିଗ୍ରହଣ କରାଯାଇଥିବା ତହସିଲଦାର କହିଛନ୍ତି। ପ୍ଲଟ ନଂ. ୧୧୮୮ରେ ମୋଟ ୩୧୮ ହେକ୍ଟର ଜମି ବସ୍‌ଷ୍ଟାଣ୍ଡ ପାଇଁ ଅଧିଗ୍ରହଣ କରାଯାଇଥିବା ରାଜସ୍ୱ ନିରୀକ୍ଷକ କେଦାର ସାହୁ କହିଛନ୍ତି ।

## ଗଞ୍ଜେଇ ଜବତ, ୩ ଗିରଫ

ପାରଳାଖେମୁଣ୍ଡି,୧୩।୪(ଡି.ଏନ୍.ଏ.)

ମୋହନା ପୋଲିସ ମଙ୍ଗଳବାର ଏକ ଗଞ୍ଜେଇ ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହରିୟାଣା ପ୍ରଦେଶର ଭୂପିନ୍ଦର ସିଂ, ବଲବୀରେନ୍ଦ୍ରର ସିଂ ଓ ଅନ୍ୟ ଜଣେ ବ୍ୟକ୍ତି ବିଷମକଟକ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ପାଟ୍ରୋଲିଂ ବେଳେ ହରିୟାଣା ନମ୍ବର ଥିବା ଟ୍ରକ୍‌ରୁ ୧୦ ବସ୍ତା ଗଞ୍ଜେଇ ଧରିଥିଲା। ଏ ନେଇ ନଂ.୮୮/୨୧ରେ ମାମଲା ରୁଜୁ ହୋଇଛି।

# ପୋଖରୀରେ ଗାଧୋଇବା ମନା

ଛତ୍ରପୁର,୧୩।୪(ଡି.ଏନ.ଏ.)

- ସରପଞ୍ଚମାନଙ୍କ ସହଯୋଗ ଲୋଡିଲେ ଜିଲାପାଳ
- ଖୁବ୍‌ଶୀଘ୍ର ଖୋଲିବ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ
- ଆବଶ୍ୟକ ପଡିଲେ କଣ୍ଟେନମେଣ୍ଟ ଜୋନ

କରୋନା ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ସମସ୍ତ ସରପଞ୍ଚମାନଙ୍କ ସହ ଜିଲାପାଳ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜାରି ହୋଇଥିବା ଗାଇଡ୍‌ଲାଇନ୍ ସମ୍ପର୍କରେ ସରପଞ୍ଚମାନଙ୍କୁ ଅବଗତ କରାଇଥିଲେ। ପୂର୍ବ ଭଳି ଏଥିରେ ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ସରପଞ୍ଚମାନେ ଏଥିରେ ଆକ୍ଟିଭ୍ ଭାବେ କାର୍ଯ୍ୟ କରିବେ ବୋଲି କହିଥିବା ଜିଲାପାଳ ଗଣମାଧମକୁ ସୂଚନା ଦେଇଛନ୍ତି। ଜିଲାରେ ଥିବା ସମସ୍ତ ପୋଖରୀରେ ଗାଧୋଇବା ଉପରେ ମଧ କଟକଣା ଜାରି ହୋଇଛି । ଏନେଇ ସରପଞ୍ଚମାନଙ୍କୁ ଅବଗତ କରିବା ସହ ଲୋକଙ୍କୁ ସଚେତନ କରିବାକୁ କହିଛି ବୋଲି ଜିଲାପାଳ କହିଛନ୍ତି। ଫଳରେ ପୋଖରୀ ମଧ ସଫା ହେବ । ଜିଲାରେ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ଯାଞ୍ଚ ବହୁ ଶୀଘ୍ର ଆରମ୍ଭ କରିବାକୁ ଯାଉଛୁ ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି। ବିଶେଷକରି ଯେଉଁ ସ୍ଥାନକୁ ଅଧିକ ପ୍ରବାସୀ ଆସୁଛନ୍ତି ସେଠାକୁ ଟିମ୍ ପଠାଇ ସ୍ୱାସ୍ଥ୍ୟ ଯାଞ୍ଚ କରୁଛୁ ବୋଲି ଜିଲାପାଳ କହିଛନ୍ତି। ଜିଲାର ପ୍ରତି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ ଗୋଟିଏ ଲେଖାଏ କ୍ଲଷ୍ଟରସ୍ତରୀୟ ଟିଏମ୍‌ସି ଖୋଲାଯାଇଛି। ଏଥିସହ ବ୍ରହ୍ମପୁର, ହିଞ୍ଜିଳି, ଛତ୍ରପୁର, ଭଞ୍ଜନଗର ଓ ଆସିକା ଆଦିରେ ୬ କୋଭିଡ୍ କେୟାର ସେଣ୍ଟର ଆରମ୍ଭ ହୋଇଛି। ବ୍ରହ୍ମପୁର ଏମ୍‌କେସିଜିରେ କୋଭିଡ୍ ହସ୍ପିଟାଲ ଖୋଲିଥିବା ବେଳେ ଖୁବ୍‌ଶୀଘ୍ର ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ମଧ ଖୋଲିବାକୁ ଯାଉଥିବା ଜିଲାପାଳ କହିଛନ୍ତି । ଯଦି କୌଣସି ସ୍ଥାନରେ ସଂକ୍ରମିତଙ୍କ ସଂଖ୍ୟା କିମ୍ବା ପ୍ରବାସୀ ଆସିଥିବା ଅଧିକ ଦେଖାଦେବ ସେଠାରେ ମିନି କଣ୍ଟେନମେଣ୍ଟ ଜୋନ୍ କରାଯିବ । ତେବେ ଏବେ ଜିଲାରେ ଜମା ମିନି କଣ୍ଟେନମେଣ୍ଟ ଜୋନ୍ ନ ଥିବା ଜିଲାପାଳ ସ୍ପଷ୍ଟ କରିଛନ୍ତି । ସାମାଜିକ ଦୂରତା ରଖିବା, ମାସ୍କ ପିନ୍ଧିବା ସହ ଯାହାର ଟିକା ନେବାର ଅଛି ସେମାନେ ନିଅନ୍ତୁ ବୋଲି ଜିଲାପାଳ ପୁଣି ଗଞ୍ଜାମ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

